# ଭାରତ : ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୧୭ (୧-୭ ଅଗଷ୍ଟ)



# ସ୍ତନ୍ୟପାନ ଜାରି ରଖିବା ପାଇଁ ସ୍ୱାର୍ଥରହିତ ସମ୍ମିଳିତ ପ୍ରଚେଷ୍ଟା ଜରୁରୀ

ଉଦ୍ଦେଶ୍ୟ :

୧. ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଏବଂ ସହଯୋଗ ପାଇଁ ସରକାର ଏବଂ ସମାଜର ପ୍ରତ୍ୟେକ ସ୍ୱାର୍ଥରହିତ କ୍ଷେତ୍ରରୁ ସହଯୋଗର ଶକ୍ତି ସଂଗ୍ରହ କରିବା ।

୨. ସ୍ୱାର୍ଥରହିତ ସଂପୃକ୍ତ ଅଂଶୀଦାରମାନଙ୍କ ସହ ଐକ୍ୟ ସ୍ଥାପନ କରି ସ୍ତନ୍ୟପାନ ତଥା ଶିଶୁ ଓ ଛୋଟ ପିଲାମାନଙ୍କର ଖାଦ୍ୟ ସମ୍ବନ୍ଧରେ ପ୍ରସ୍ତୁତ କରାଯାଉଥିବା ନୀତି ଏବଂ କାର୍ଯ୍ୟକ୍ରମ ଗୁଡିକୁ ପ୍ରସାର କରିବା ।

୩. ସ୍ତନ୍ୟପାନ ଏବଂ ଶିଶୁ ଓ ଛୋଟ ପିଲାମାନଙ୍କର ଖାଦ୍ୟ ଖୁଆଇବାର ସଠିକ ପ୍ରଣାଳୀର ସୁରକ୍ଷା, ପ୍ରୋତ୍ସାହନ ଏବଂ ସହଯୋଗ ପାଇଁ କାର୍ଯ୍ୟକ୍ରମଗୁଡିକୁ ତ୍ୱରାନ୍ୱିତ କରାଇବା ।

bpni
putting child nutrition at the forefront of social change

IBFAN
defending breastfeeding

# ସମ୍ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଏକ ସୁଯୋଗ

**୨୦୧୭ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ**ର ପଞ୍ଚବିଂଶତମ ବର୍ଷରେ ସ୍ତନ୍ୟପାନର ଲକ୍ଷ୍ୟ ହାସଲ କରିବା ପାଇଁ ଆମକୁ ସମ୍ମିଳୀତ ଭାବେ ଦାୟିତ୍ୱ ବହନ କରିବାକୁ ହେବ । ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଏବଂ ସହଯୋଗ ହେଉଛି ୩ଟି ମୁଖ୍ୟ ସ୍ତମ୍ଭ - ଯାହାଦ୍ୱାରା ଉଭୟ ଧନୀ ଓ ଗରୀବ ରାଷ୍ଟ୍ରଗୁଡିକରେ ସ୍ତନ୍ୟପାନର ହାର ବୃଦ୍ଧି କରାଯାଇ ପାରିବ । ୨୦୩୦ ମସିହା ସୁଦ୍ଧା ପୂରଣ ହେବାକୁ ଥିବା ନିରନ୍ତର ବିକାଶର ଅନେକ ଗୁଡିଏ ଧାର୍ଯ୍ୟ ଲକ୍ଷ୍ୟ ସ୍ତନ୍ୟପାନ ଉପରେ ନିର୍ଭର କରୁଛି । ବୈଜ୍ଞାନିକ ତଥ୍ୟରୁ ସୂଚନା ମିଳେ ଯେ ସ୍ତନ୍ୟପାନ କରାଇବା ଦ୍ୱାରା ନିରନ୍ତର ବିକାଶର ଅନେକଗୁଡିଏ ଲକ୍ଷ୍ୟ ଯେପରିକି ମାଆ ଏବଂ ଶିଶୁର ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା, ଦାରିଦ୍ର୍ୟ ଦୂରୀକରଣ, ଆର୍ଥିକ ସ୍ଥିତିରେ ସୁଧାର, ଅଭିବୃଦ୍ଧି ଏବଂ ବୈଷମ୍ୟ ଦୂରୀକରଣ ଇତ୍ୟାଦି ଲକ୍ଷ୍ୟ ପୂରଣରେ ସହାୟକ ହୋଇପାରିବ ।




ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୧୭ ପାଳନ ଅବସରରେ ଆମର ସାମୂହିକ ଏବଂ ବ୍ୟକ୍ତିଗତ ଭୂମିକା ତଥା ଏହା ସହ ସମ୍ପୃକ୍ତ ସମସ୍ତଙ୍କୁ ଉପଯୁକ୍ତ କାର୍ଯ୍ୟପନ୍ଥା ସ୍ଥିର କରିବାର ସୁଯୋଗ ମିଳିଛି । ସଫଳତା ପାଇବାରେ ମୁଖ୍ୟ ହେଉଛି : ଆମେ ସମସ୍ତେ ତଥା ଆମର ଅଂଶୀଦାରମାନେ ନିଃସ୍ୱାର୍ଥପର ଭାବରେ ମାଆମାନଙ୍କୁ ଆବଶ୍ୟକୀୟ ସହଯୋଗ ଯେପରି ପୂର୍ଣ୍ଣମାତ୍ରାରେ ମିଳିପାରିବ – ସେଥିପ୍ରତି ଧ୍ୟାନ ଦେବା । ନଚେତ୍ ଏହା ସୁଦୂର ସ୍ୱପ୍ନ ହୋଇ ରହିଯିବ ।

ସଫଳ ସ୍ତନ୍ୟପାନ କରାଇବା କେବଳ ମାଆମାନଙ୍କର ଦାୟିତ୍ୱ ନୁହେଁ । ସମସ୍ତ ମାଆ ଯେପରି ସେମାନଙ୍କ ଶିଶୁମାନଙ୍କୁ ସଠିକ୍ ଭାବେ ସ୍ତନ୍ୟପାନ କରାଇବାକୁ ସକ୍ଷମ ହୋଇପାରିବେ ସେଥିପାଇଁ ସରକାର, ସ୍ୱାସ୍ଥ୍ୟସେବା ଅନୁଷ୍ଠାନ, ପରିବାର, ସମାଜ, ନିଯୁକ୍ତିଦାତା ଏବଂ କର୍ମକ୍ଷେତ୍ର – ଏ ସମସ୍ତଙ୍କର ସକ୍ରିୟ ସହଯୋଗ ଦରକାର । ମାଆ ଓ ଶିଶୁ ମଧ୍ୟରେ ସ୍ତନ୍ୟପାନର ସଫଳ ରୂପାୟନ ପାଇଁ ଆମେ ସମାଜର ସମସ୍ତକ୍ଷେତ୍ରରୁ ସାହାଯ୍ୟ ଓ ସହଯୋଗ ଆଶା କରୁ । ଏହି ସପ୍ତାହ ପାଳନ ଅବସରରେ ପ୍ରଥମ ୬ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର, ପରେ ମାଆ କ୍ଷୀର ସହ ଉପଯୁକ୍ତ ଏବଂ ଯଥେଷ୍ଟ ଅନୁପୂରକ ଖାଦ୍ୟ ତଥା ୨ ବର୍ଷ ବା ତଦୁର୍ଦ୍ଧ ମାଆ କ୍ଷୀର ଜାରି ରଖିବାପାଇଁ ଆବଶ୍ୟକ ହେଉଥିବା ସୁରକ୍ଷା, ପ୍ରୋତ୍ସାହନ ଏବଂ ସହଯୋଗ ସମ୍ବନ୍ଧରେ ଥିବା ତଥ୍ୟକୁ ବାସ୍ତବିକ୍ କାର୍ଯ୍ୟରେ ପରିଣତ କରିବା ପାଇଁ ଆସନ୍ତୁ, ଆମେ ଏକାଠି ହୋଇ ଦୃଢ଼ ପଦକ୍ଷେପ ନେଇ ଅଗ୍ରସର ହେବା ।

ଖାଦ୍ୟ ଅଧିକାର, ସ୍ୱାସ୍ଥ୍ୟ ଅଧିକାର, ମହିଳାମାନଙ୍କ ପାଇଁ ଥିବା ଆଇନ ଏବଂ ତାର କାର୍ଯ୍ୟକାରିତାରେ ଥିବା ପ୍ରଭେଦ ଏବଂ ଶିଶୁ ଅଧିକାର ଅନ୍ତର୍ଭୁକ୍ତ ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଏବଂ ସହଯୋଗ ସମ୍ବନ୍ଧରେ କାର୍ଯ୍ୟ କରୁଥିବା କର୍ମୀ ତଥା କମିଟିଗୁଡ଼ିକର ମତକୁ ନେଇ ସଂଯୁକ୍ତ ରାଷ୍ଟ୍ରର ବିଶେଷ ସମ୍ବାଦଦାତା ଉଲ୍ଲେଖ କରିଛନ୍ତି ଯେ ସ୍ତନ୍ୟପାନ କରିବା ଏବଂ କରାଇବା ଉଭୟ ଶିଶୁ ଏବଂ ମାଆମାନଙ୍କର ମାନବିକ ଅଧିକାର । ଶିଶୁମାନଙ୍କର ସୁରକ୍ଷିତ ଜନ୍ମ, ସୁସ୍ଥତାର ସହ ଅଭିବୃଦ୍ଧି ଏବଂ ବଞ୍ଚିବାର ଅଧିକାର ପାଇଁ ମାଆ କ୍ଷୀର ଏକ ଅପରିହାର୍ଯ୍ୟ ଉପାଦାନ, ନିରାପଦ ଓ ସମ୍ପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ବୋଲି ବିଚାର କରାଯାଏ । ଅନ୍ୟ କାହାଦ୍ୱାରା ପ୍ରଭାବିତ ନ ହୋଇ, ସଠିକ୍ ତଥ୍ୟ ପାଇବା ପରେ ସ୍ତନ୍ୟପାନ କରାଇବାର ନିଷ୍ପତ୍ତି ନିଜେ ନେବାର ଅଧିକାର ମାଆମାନଙ୍କର ଅଛି । ଆହୁରି ମଧ୍ୟ ବ୍ୟାପକଭାବେ ଯୌନ, ପ୍ରଜନନ, ମାତୃ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାର ଅଧିକାର ମାଆମାନଙ୍କର ଅଛି । କର୍ମସ୍ଥଳରେ ସେମାନଙ୍କ ପାଇଁ ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ତଥା ସହାୟକ ପରିବେଶ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସ୍ତନ୍ୟପାନ କରାଇବାପାଇଁ ଉପଯୁକ୍ତ ସ୍ଥାନ ଓ ପରିବେଶ ପାଇବା ହେଉଛି ମାଆମାନଙ୍କର ଅଧିକାର, ଯାହା ସଫଳତାର ସହିତ ସ୍ତନ୍ୟପାନ କରାଇବା ପାଇଁ ଅତି ଜରୁରୀ ।

୧୯୮୯ରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (WHO) ଏବଂ ୟୁନିସେଫ୍ (UNICEF) ମିଳିତ ଭାବେ ଘୋଷଣା କରିଥିଲେ ଯେ ସଠିକ ସ୍ତନ୍ୟପାନ କରାଇବା ହାର ବଢ଼ାଇବାକୁ ହେଲେ ଆମକୁ ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଏବଂ ସହଯୋଗ – ଏହି ୩ଟି ରଣନୀତି ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ । ଅର୍ଥାତ୍ ଏପରି ନୀତି ପ୍ରଣୟନ ହେବା ଦରକାର ଯେପରି ଶିଶୁ ଖାଦ୍ୟକୁ ନେଇ ବ୍ୟବସାୟୀକରଣ କରା ନ ଯାଏ (ସୁରକ୍ଷା), କୌଣସି ଭ୍ରମ ସୃଷ୍ଟି ନ କରାଇ ଶିଶୁଖାଦ୍ୟ ସମ୍ବନ୍ଧରେ ସଠିକ ତଥ୍ୟ ପ୍ରଦାନ କରିବା (ପ୍ରୋତ୍ସାହନ) ଏବଂ ମାଆମାନଙ୍କୁ ଶିଶୁ ଜନ୍ମ ସମୟରେ, ଘରେ, ପରିବାରରେ, ସମାଜରେ ତଥା କାର୍ଯ୍ୟକ୍ଷେତ୍ରରେ ଯଥାଯୋଗ୍ୟ ସହାୟତା (ସହଯୋଗ) ମିଳିବା ଉଚିତ୍ ।

ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ନିଃସ୍ୱାର୍ଥପରଭାବେ ଏଥିପ୍ରତି ଆଗ୍ରହୀ ବ୍ୟକ୍ତିବିଶେଷ, ଅନୁଷ୍ଠାନମାନଙ୍କର ସମ୍ମିଳୀତ ଉଦ୍ୟମ ଆବଶ୍ୟକ । ସଠିକ ସ୍ତନ୍ୟପାନର ସ୍ଥିତି ଅନୁଧ୍ୟାନ କରିବା ଏବଂ ଜାରୀ ରଖିବାର ଗୁରୁଦାୟିତ୍ୱ ସମ୍ଭାଳିବା ପାଇଁ ଉପଯୁକ୍ତ ସମ୍ବଳ ବିନିଯୋଗ କରିବା ଆବଶ୍ୟକ ଏବଂ ସେହି ସମୟ ବର୍ତ୍ତମାନ ଉପସ୍ଥିତ ।



# ଭାରତରେ ସ୍ତନ୍ୟପାନ ଏବଂ ଶିଶୁ ଓ ଛୋଟପିଲାମାନଙ୍କର ଖାଦ୍ୟ ସମ୍ବନ୍ଧୀୟ ସ୍ଥିତି

ମାଆ କ୍ଷୀରର ଗୁରୁତ୍ୱ ଏବଂ ଡବା କ୍ଷୀର ମିଶ୍ରିତ ଖାଦ୍ୟ ଖୁଆଇବା ଦ୍ୱାରା ଉତ୍ପନ୍ନ ହେଉଥିବା ସଂକଟଗୁଡ଼ିକର ସମ୍ଭାବନା ସମ୍ବନ୍ଧରେ ମିଳୁଥିବା ଅଧିକରୁ ଅଧିକ ତଥ୍ୟ ହିଁ ଆମ ସମସ୍ତଙ୍କୁ ତୁରନ୍ତ କିଛି କରିବାପାଇଁ ବାଧ କରୁଛି । ତଥାପି ମାଆକ୍ଷୀର ଖୁଆଇବାର ପ୍ରଚଳିତ ଅଭ୍ୟାସ ଅଭିପ୍ରେତ ବାସ୍ତବ ଲକ୍ଷ୍ୟଠାରୁ ବହୁଦୂରରେ ।

ଭାରତରେ ପ୍ରତିବର୍ଷ ୨୬ ନିୟୁତ ଶିଶୁ ଜନ୍ମ ହେଉଛନ୍ତି । ଅର୍ଥାତ ପ୍ରତିଦିନ ୭୦,୦୦୦ ମାଆ ସାହାଯ୍ୟ ଏବଂ ସହଯୋଗ ଆବଶ୍ୟକ କରୁଛନ୍ତି । ସଦ୍ୟ ପ୍ରକାଶିତ ୪ର୍ଥ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (NFHS-4)ର ତଥ୍ୟ ଅନୁଯାୟୀ ମାତ୍ର ୪୧.୬ ପ୍ରତିଶତ ଶିଶୁ ୧ ଘଣ୍ଟା ମଧ୍ୟରେ ମାଆ କ୍ଷୀର ଖାଇବା ଆରମ୍ଭ କରିପାରୁଛନ୍ତି । ( ଅର୍ଥାତ୍ ୧୫ ନିୟୁତ ଶିଶୁ ସେଥିରୁ ବଞ୍ଚିତ ହେଉଛନ୍ତି ) ୫୫ ପ୍ରତିଶତ ଶିଶୁ ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଖାଇ ପାରୁଛନ୍ତି । ଯାହା ଜାତୀୟ ନୀତି ତଥା ବିଶ୍ୱସ୍ୱାସ୍ଥ୍ୟ ସଂଗଠନ(WHO) ଅନୁମୋଦିତ । ଏହି ତଥ୍ୟ ଦର୍ଶାଉଛି ଯେ ଡାକ୍ତରଖାନାରେ ଅଧିକ ଶିଶୁ ଜନ୍ମ ହେଉଥିଲେ ମଧ୍ୟ ଶୀଘ୍ର ମାଆ କ୍ଷୀର ଖାଇବାକୁ ଆରମ୍ଭ କରୁଥିବା ଶିଶୁଙ୍କ ସଂଖ୍ୟା ବହୁତ କମ୍ । ଏହି ସ୍ଥିତରେ ସୁଧାର ଆଣିବା ପାଇଁ ତ୍ୱରିତ ପଦକ୍ଷେପ ନେବା ଅତି ଜରୁରୀ । ଯାହାହେଉ ସକାରତ୍ମକ ଭାବେ ଦେଖିଲେ ପ୍ରାୟ ଏକ ତୃତୀୟାଂଶ ଜିଲ୍ଲାରେ ଶତକଡା ୬୦ ଭାଗ ଶିଶୁ କେବଳ ମାଆ କ୍ଷୀର ପାଇବାକୁ ସକ୍ଷମ ହେଉଛନ୍ତି ।

ଅନୁପୂରକ ଖାଦ୍ୟ ଖୁଆଇବା ହାର (୬ରୁ ୮ମାସ ଶିଶୁ ମାଆ କ୍ଷୀର ସହ କଠିନ ଓ ଅର୍ଦ୍ଧ କଠିନ ଖାଦ୍ୟ ଖାଇବା) ବିଗତ ଦଶ ବର୍ଷ ମଧ୍ୟରେ ଶତକଡା ୫୨.୬ ରୁ ଶତକଡା ୪୨.୭ କୁ ଶୋଚନୀୟ ଭାବେ ଖସି ଆସିଛି, ଯାହା ଅତ୍ୟନ୍ତ ଚିନ୍ତାଦାୟକ । ୬ ରୁ ୮ ମାସ ଶିଶୁ ମାନଙ୍କ ମଧ୍ୟରୁ ମାତ୍ର ଶତକଡା ୮.୭ ଭାଗ ଶିଶୁ ଅଭିବୃଦ୍ଧି ପାଇଁ ଆବଶ୍ୟକ ହେଉଥିବା ୪ ପ୍ରକାର ଖାଦ୍ୟ ସମୂହରୁ ଖାଇବାକୁ ପାଉଛନ୍ତି ଏବଂ ପ୍ରଥମ ୨ ବର୍ଷ ଭିତରେ ଥିବା ପାଖାପାଖି ୨୩ ନିୟୁତ ଶିଶୁ ଏହି ଖାଦ୍ୟରୁ ବଞ୍ଚିତ ହୋଇଥାନ୍ତି । ଏହାର ସମାଧାନ ହେଉଛି, ଯେଉଁ ମାନଙ୍କ ପାଖରେ ନାହିଁ ସେମାନଙ୍କୁ ସ୍ଥାନୀୟଭାବେ ମିଳୁଥିବା ଖାଦ୍ୟରୁ କିପରି ଆବଶ୍ୟକୀୟ ଖାଦ୍ୟ ଉପାଦାନ ମିଳିପାରିବ ଏବଂ ଯେଉଁ ମାନଙ୍କ ପାଖରେ ଯଥେଷ୍ଟ ଅଛି –ସେମାନେ ଯେପରି ଉପଯୁକ୍ତ ମାତ୍ରାରେ ଏବଂ ଉପଯୁକ୍ତ ଅନୁପାତରେ ସେମାନଙ୍କ ଶିଶୁଙ୍କୁ ଖୁଆଇ ପାରିବେ –ସେ ବିଷୟରେ ଉପଯୁକ୍ତ ଶିକ୍ଷା ଏବଂ ସଚେତନତା ବୃଦ୍ଧି କରିବା । ବିଶ୍ୱ ସ୍ତନ୍ୟପାନ ଗତିର ଆଦ୍ୟ ଅନୁଷ୍ଠାନ( WBTI) ୨୦୧୫ ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ସ୍ତନ୍ୟପାନ ବିଷୟରେ ସହଯୋଗ କରିବା ପାଇଁ ଯେଉଁ ନୀତି ଓ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି –ତାହା ଆବଶ୍ୟକୀୟ ଲକ୍ଷ୍ୟ ଠାରୁ ଯଥେଷ୍ଟ ଦୂରରେ । ଯାହାହେଉ ଏବେ ୨୦୧୬ରେ କିଛି ସକାରାତ୍ମକ ନୀତି ଏବଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ଶୀଘ୍ର ସ୍ତନ୍ୟପାନ ଆରମ୍ଭ କରିବା ଜନ୍ମର ୧ ଘଣ୍ଟା ମଧ୍ୟରେ
(NFHS-4)




ଡାକ୍ତରଖାନାରେ ଜନ୍ମିତ ଶିଶୁ
(NFHS-4)




କେବଳ ମାଆ କ୍ଷୀର ୬ମାସ ପର୍ଯ୍ୟନ୍ତ
(NFHS-4)




ମାଆ କ୍ଷୀର ସହ କଠିନ ଓ ଅର୍ଦ୍ଧକଠିନ ଖାଦ୍ୟ ଖାଉଥିବା ୬ ରୁ ୮ମାସ ପର୍ଯ୍ୟନ୍ତ ଶିଶୁ




ମାଆ କ୍ଷୀର ସହ ଯଥେଷ୍ଟମାତ୍ରାରେ ଖାଦ୍ୟ ଖାଉଥିବା ୬ ରୁ ୨୩ମାସ ପର୍ଯ୍ୟନ୍ତ ଶିଶୁ



# ସ୍ତନ୍ୟପାନ ଏବଂ ଶିଶୁ ଓ  ଛୋଟ ପିଲାମାନଙ୍କର ଖାଦ୍ୟ ଖୁଆଇବା ହାର କିପରି ବୃଦ୍ଧି କରାଯାଇ କରିପାରିବ ?
## (କେତେକ ମୁଖ୍ୟ କରଣୀୟ କାର୍ଯ୍ୟ ଯାହାରଦ୍ୱାରା ଆମେ ସ୍ତନ୍ୟପାନ ତଥା ସଠିକ ଖାଦ୍ୟର ହାର ବଢାଇ ପାରିବା )



Photo:http://fasttnet.com/wp-content/uploads/2016/01/Rupeeimage.jpg

ବିଶ୍ୱବ୍ୟାଙ୍କ ଦ୍ୱାରା  କରାଯାଇଥିବା ଏକ ଅନୁଧ୍ୟାନ ଅନୁସାରେ - ସ୍ତନ୍ୟପାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଖର୍ଚ୍ଚ ହେଉଥିବା ପ୍ରତ୍ୟେକ ଡଲାର ଆମକୁ ୩୫ ଡଲାର କରି ଫେରସ୍ତ ଦେଇଥାଏ । ଏହି ଅନୁଧ୍ୟାନ ଆକଳନ କରିଛି ଯେ ପ୍ରତ୍ୟେକ ଜନ୍ମ ହେଉଥିବା ଶିଶୁ ପାଇଁ ବାର୍ଷିକ ୫ ଡଲାର ଖର୍ଚ୍ଚ କରାଗଲେ ବିଶ୍ୱଲକ୍ଷ୍ୟ ଧାର୍ଯ୍ୟର ଅର୍ଦ୍ଧାଧିକ ହାର ହାସଲ ହୋଇପାରିବ । ଅଧ୍ୟୟନରୁ ଯଦିଓ ଜଣାଯାଇଛି ଯେ ସ୍ତନ୍ୟପାନର ସୁରକ୍ଷା ପ୍ରୋତ୍ସାହନ ଓ ସହଯୋଗ ଭଳି କାର୍ଯ୍ୟକ୍ରମ ପାଇଁ ଅର୍ଥ ଆବଶ୍ୟକ, ତେବେ ପରିତାପର  ବିଷୟ ହେଉଛି ଯେ ଯେତେ ପ୍ରକାରର ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଅଛି, ସ୍ତନ୍ୟପାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସେସବୁଠାରୁ ନିମ୍ନରେ ଅଛି । ସ୍ତନ୍ୟପାନର ସଫଳତା ପାଇଁ ଅର୍ଥଯୋଗାଣ କାରୀ ସଂସ୍ଥା ଅନୁଷ୍ଠାନ ତଥା ଅର୍ଥ ମନ୍ତ୍ରଣାଳୟକୁ ଆବଶ୍ୟକ ଆର୍ଥିକ ପ୍ରୋତ୍ସାହନ ଯୋଗାଇବା ପାଇଁ ଦାବୀ କରାଯାଇପାରେ । ଅତି ସରଳ ନିୟମଟିଏ ଏଠାରେ କାର୍ଯ୍ୟ କରିବ । ସ୍ତନ୍ୟପାନ ଲକ୍ଷ୍ୟ ହାସଲ ସମ୍ବନ୍ଧୀୟ ଆର୍ଥିକ ପ୍ରୋତ୍ସାହନ ଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଇଲେ ସଫଳତା ମିଳିପାରିବ ।

ଜନସାଧାରଣଙ୍କର ସ୍ୱାର୍ଥର ସୁରକ୍ଷା ଏବଂ ଧାତ୍ରୀ ମାଆ ତଥା ଶିଶୁ ମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ନୀତି ନିର୍ଦ୍ଧାରକମାନେ ଶିଶୁ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ଏବଂ ବିତରଣକାରୀ ସଂସ୍ଥାମାନଙ୍କୁ ଅଂଶୀଦାର ନ କରିବା ଉଚିତ୍ ।

## ସରକାରଙ୍କର ବଳିଷ୍ଠନୀତି ଏବଂ କାର୍ଯ୍ୟାନ୍ୱୟନ

ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତି ରକ୍ଷାକରି ଭାରତ ସରକାର ଅଗଷ୍ଟ ୨୦୧୬ ରେ MAA (Mother's Absolute Affection) "ମାଆର ଏକାନ୍ତ ସ୍ନେହ" ନାମରେ ଏକ ଜାତୀୟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସିଧାସଳଖ ମାଆମାନଙ୍କୁ ଏବଂ ପରିବାରକୁ ପରାମର୍ଶ ସେବା ଯୋଗାଇବା ହେଉଛି ଏହି କାର୍ଯ୍ୟକ୍ରମର ବିଶେଷତ୍ୱ । ଭାରତର ସମସ୍ତ ପ୍ରଦେଶରେ ଶୀଘ୍ର ମାଆକ୍ଷୀର ଖୁଆଇବା ଏବଂ ୬ ମାସ କେବଳ ମାଆ କ୍ଷୀର ଖୁଆଇବା କାର୍ଯ୍ୟକ୍ରମକୁ କାର୍ଯ୍ୟକାରି କରିବାପାଇଁ ଆହ୍ୱାନ ଦିଆଯାଇଅଛି । ମାଆ କ୍ଷୀରର ସୁରକ୍ଷା ପାଇଁ ଭାରତ ସରକାର ଶିଶୁ ଖାଦ୍ୟ ବିକଳ୍ପ,ଖାଇବା ବୋତଲ ଏବଂ ଶିଶୁ ଖାଦ୍ୟ (ପ୍ରସ୍ତୁତି, ଯୋଗାଣ ଏବଂ ବିତରଣ ) ଆଇନ ୧୯୯୨ ( The IMS Act) ଏବଂ (Ammended Act ୨୦୦୩) କୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଲିଖିତଭାବେ ଏବଂ ଆନ୍ତରିକତାର ସହିତ କାର୍ଯ୍ୟକାରୀ ହେବା ଦରକାର । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରୁ ସମସ୍ତ ରାଜ୍ୟସଚିବ ମାନଙ୍କୁ ତୁରନ୍ତ ଏକ ଚିଠି ଦିଆଗଲେ ତାହା ଖୁବ୍ ଫଳପ୍ରଦ ହୁଅନ୍ତା । ଏ ବିଷୟରେ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସଚେତନତା କରାଯିବା ସହିତ କଡାକଡି ଭାବେ କାର୍ଯ୍ୟକାରୀ ହେବା ଦରକାର ।




ସ୍ତନ୍ୟପାନର ସୁରକ୍ଷା ନିମନ୍ତେ ଭାରତୀୟ ସାଂସଦ ନିକଟ ଅତୀତରେ ୨୬ ସପ୍ତାହ ମାତୃତ୍ୱକାଳୀନ ଛୁଟି ଏବଂ ଆନୁସଂଗିକ ସୁବିଧା ଉପଲବ୍ଧ କରାଇଛନ୍ତି । ସ୍ତନ୍ୟପାନର ହାର ବଢାଇବା ପାଇଁ ଏହି ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ସମସ୍ତ କ୍ଷେତ୍ରରେ ଏପରିକି ବେସରକାରୀ ଉଦ୍ୟୋଗରେ ମଧ୍ୟ ନିଷ୍ଠାର ସହ କାର୍ଯ୍ୟକାରୀ ହେବା ଜରୁରୀ ।

ପୁନଶ୍ଚ ଭାରତ ଉଭୟ ସରକାରୀ ଏବଂ ବେସରକାରୀ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଅନୁଷ୍ଠାନ ଗୁଡିକରେ ଶିଶୁବନ୍ଧୁ ଚିକିତ୍ସାଳୟ ପଦ୍ଧତି ଏବଂ ସଠିକ ସ୍ତନ୍ୟପାନ କରାଇବା ପାଇଁ ୧୦ଟି ପଦକ୍ଷେପ ଯେପରି ସଠିକ ଭାବରେ ପୁନଃ କାର୍ଯ୍ୟକ୍ଷମ ହୋଇପାରିବ ଏବଂ ମାଆ କ୍ଷୀର ଖୁଆଇବା ପାଇଁ ଆବଶ୍ୟକ ପରାମର୍ଶ ସେବା ଯୋଗାଇ ଦିଆଯାଇ ପାରିବ, ସେଥିପ୍ରତି ଦୃଢ ପଦକ୍ଷେପ ନେବା ଆବଶ୍ୟକ ।



## ସର୍ବସାଧାରଣସ୍ତରରେ କାର୍ଯ୍ୟକ୍ରମ

ସ୍ତନ୍ୟପାନ ଏବଂ ଶିଶୁ ଓ ଛୋଟ ପିଲାମାନଙ୍କର ଖାଦ୍ୟ ପାଇଁ ସାଧାରଣ ସହଯୋଗ ଅତ୍ୟନ୍ତ ନିରୁତ୍ସାହଜନକ ସ୍ତରରେ ଅଛି । ଉତ୍ତରପ୍ରଦେଶର ଲଳିତପୁର ଜିଲ୍ଲାରେ ମାତୃ ସହଯୋଗୀ ଗୋଷ୍ଠୀ ଦ୍ୱାରା ସ୍ତନ୍ୟପାନର ପ୍ରଚାର ତଥା ପ୍ରସାରରେ ଆଖିଦୃଶିଆ ଅଭିବୃଦ୍ଧି ହୋଇପାରିଛି । ଏହା ଏକ ଉଦାହରଣ । ସଂଗଠିତ ଭାବେ କାର୍ଯ୍ୟ କଲେ କିଭଳି ସ୍ତନ୍ୟପାନର ପ୍ରସାର ଏବଂ ସଫଳତା ହାସଲ ହୋଇପାରିବ -ଏଥିରୁ ଆମକୁ ଏହି ଶିକ୍ଷା ମିଳୁଛି । ୪ର୍ଥ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (NFHS-4) ତଥ୍ୟ ଅନୁସାରେ ଲଳିତପୁରରେ କେବଳ ମାଆ କ୍ଷୀର ଖୁଆଇବା ହାର ୭୧.୩% ଯାହାକି ଉତ୍ତରପ୍ରଦେଶର ହାରାହାରି ମାନ ୪୧.୬% ଏବଂ ଜାତୀୟ ସ୍ତରରେ ହାରାହାରି ମାନ ୫୪.୯% ରୁ ଯଥେଷ୍ଟ ଉର୍ଦ୍ଧ୍ୱରେ ।
(https://www.youtube.com/watch?v=n 8SQ-06quug)




ଆମେ ଯଦି ଆମ ରାଜ୍ୟର ସବୁ ଜିଲ୍ଲାରେ ଏହି ମଡ଼େଲ ଅନୁକରଣରେ ସର୍ବସାଧାରଣରୁ ସହଯୋଗୀଦଳ ଏବଂ ସ୍ଥାନୀୟ ପ୍ରଶାସନକୁ ଏକତ୍ରିତ କରାଇ ଏ ଦିଗରେ କାମ କରାଇ ପାରନ୍ତେ -ତାହେଲେ ହଏତ ଅନେକ ସଫଳତା ହାସଲ ହୋଇପାରନ୍ତା ।

## ପରିବାରସ୍ତରରେ କାର୍ଯ୍ୟକ୍ରମ



ଜଣେ ସାହାଯ୍ୟକାରୀ ସ୍ୱାମୀ, ବନ୍ଧୁ, ପରିବାରସଦସ୍ୟ (ଶାଶୁ, ଶ୍ୱଶୁର, ନଣନ୍ଦ, ଯାଆ) - ଏମାନେ ପ୍ରତ୍ୟେକ ସଫଳ ସ୍ତନ୍ୟପାନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ମାଆଟି ଯେତେବେଳେ ଅନୁଭବ କରେ ଯେ ତାକୁ ସାହାଯ୍ୟ କରିବା ପାଇଁ ପାଖରେ କେହି ଅଛନ୍ତି, ସେତେବେଳେ ତାର ଆତ୍ମବିଶ୍ୱାସ ବଢିଯାଏ ଏବଂ ସେ ସ୍ତନ୍ୟପାନ କରାଇପାରିବ ବୋଲି ଦୃଢତାର ସହ ନିଷ୍ପତ୍ତି ନେଇଥାଏ । ସହଯୋଗ ଅନେକ ପ୍ରକାରରେ କରାଯାଇପାରେ । ଯେପରି ଶିଶୁର ଯତ୍ନନେବା, ଘରକାମରେ ସାହାଯ୍ୟ କରିବା, ମାଆର ମାନସିକ ସ୍ଥିତି ବୁଝି ସମାନୁଭୂତି ପ୍ରକାଶ କରି ମାଆର ମନୋବଳ ବଢାଇବା କିମ୍ବା ମାଆକୁ ସ୍ତନ୍ୟପାନ ସମ୍ବନ୍ଧରେ ସଠିକ୍ ବାର୍ତ୍ତା ବା ତଥ୍ୟ ପ୍ରଦାନ କରିବା ଅଥବା କେଉଁଠାରୁ ମିଳିବ ସେ ବିଷୟରେ ଜଣାଇବା, ଯଦି କିଛି ସମସ୍ୟା ଥାଏ, ତାହେଲେ କେଉଁ ଅଭିଜ୍ଞ ବ୍ୟକ୍ତି ବା ସଂସ୍ଥା ତାର ସମସ୍ୟା ସମାଧାନ କରିପାରିବ - ସେ ବିଷୟରେ ଜଣାଇବା - ଏ ସମସ୍ତ ବିଷୟରେ ମାଆକୁ ପରିବାର ଲୋକମାନେ ବେଶୀ ସହଯୋଗ ଦେଇପାରିବେ । (BPNI) ଦ୍ୱାରା ନିକଟରେ ଖୋଲାଯାଇଥିବା ଆପ୍ 'ସ୍ତନ୍ୟପାନ ସୁରକ୍ଷା' ଗୁଗୁଲ ପ୍ଲେ ରେ ଉପଲବ୍ଧ ଏବଂ (iOS ) ବୃତ୍ତିଗତ ସାହାଯ୍ୟ ପାଇଁ ଛଚଘଓ ସହ ଯୋଗାଯୋଗ କରାଇବାରେ ସହାୟକ ହୋଇପାରିବ ।




## ଶିଶୁ ଖାଦ୍ୟ ପ୍ରତିଷ୍ଠାନଗୁଡିକର ଦାୟିତ୍ୱ

ଶିଶୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଗୁଡିକ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଖାଦ୍ୟ ସୁରକ୍ଷା ଆଇନ ତଥା ଶିଶୁ ଖାଦ୍ୟ ବିକଳ୍ପ ନିରୋଧି ଆଇନକୁ ସମ୍ମାନ ପ୍ରଦର୍ଶନ କରିବା ଉଚିତ । ସେମାନେ ମଧ୍ୟ ନିଜ ପ୍ରତିଷ୍ଠାନରେ ଥିବା ମହିଳାକର୍ମୀ ମାନଙ୍କ ମାତୃତ୍ୱ ସୁବିଧା ସୁଯୋଗ ପ୍ରଦାନ କରିବା ଉଚିତ୍ । ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀ କିମ୍ବା ସେମାନଙ୍କ ଅନୁଷ୍ଠାନ ସହ ଜଡିତ କୌଣସି ବ୍ୟକ୍ତି, ଅଂଶୀଦାର, ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ସ୍ୱାସ୍ଥ୍ୟକର୍ମୀ, ଶିକ୍ଷାନୁଷ୍ଠାନ, ମାଆ, ହସପିଟାଲ ବା କୌଣସି ସରକାରୀ ସଂସ୍ଥା - ଯେଉଁମାନେ ସ୍ତନ୍ୟପାନ ଏବଂ ଶିଶୁ ଓ ଛୋଟ ପିଲାମାନଙ୍କ ଖାଦ୍ୟ ବିଷୟରେ ପ୍ରୋତ୍ସାହିତ କରିବା ଦାୟିତ୍ୱରେ ଅଛନ୍ତି - ସେମାନଙ୍କ ସହ ବ୍ୟବସାୟିକ ସମ୍ପର୍କ ରଖିପାରିବେ ନାହିଁ।



# ଆପଣ କଣ କରିପାରିବେ ?

(ସ୍ୱାର୍ଥରହିତ ହୋଇ ସମ୍ମିଳୀତ ଭାବେ ସ୍ତନ୍ୟପାନ କରାଇବାରେ ଦାୟିତ୍ୱ ବହନ କରିବା ପାଇଁ କେତେକ ସୂଚନା)

୧. ସଠିକ ସ୍ତନ୍ୟପାନ କରାଇବାରେ ସହଯୋଗ କରିବା ପାଇଁ ନିଃସ୍ୱାର୍ଥପର କେତେକ ବ୍ୟକ୍ତି ଏବଂ ସଂସ୍ଥାକୁ ନେଇ ଐକ୍ୟ ସମ୍ପର୍କ ସ୍ଥାପନ କରିବା ।

୨. 'ସ୍ତନ୍ୟପାନ ସମ୍ବନ୍ଧୀୟ ପଦକ୍ଷେପ ଏବଂ ଶିଶୁ ଜୀବନରକ୍ଷା ପାଇଁ ଉତ୍ସର୍ଗୀକୃତ ଆର୍ଥିକ ପ୍ରବନ୍ଧନ ନିର୍ଦ୍ଧାରିତ କରାଯାଉ' - ଏହି ଆବେଦନ ପତ୍ର ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠାଇବା ପାଇଁ ଦସ୍ତଖତ ସଂଗ୍ରହ କରିବା ଅଭିଯାନରେ ଯୋଗ ଦିଅନ୍ତୁ ଏବଂ ଦସ୍ତଖତ ସଂଗ୍ରହ କରି BPNI କୁ ପଠାଇଦିଅନ୍ତୁ । (Available at hhtp://bpni.org/wbw-2017 and Stanpan Suraksha Moblie App)

୩. ନିଜ ଜିଲ୍ଲା ଏବଂ ରାଜ୍ୟରେ ସ୍ତନ୍ୟପାନ ହାର ବଢାଇବା ପାଇଁ ଲଳିତପୁର ପରି ପରାମର୍ଶ ସେବା ପ୍ରଦାନକାରୀ ସାଥୀମାନଙ୍କୁ ନେଇ ଦଳ ଗଠନ କରନ୍ତୁ ।

୪. ନିଜ ଅଞ୍ଚଳରେ ମାଆମାନଙ୍କୁ ଏବଂ ନିଯୁକ୍ତିଦାତାଙ୍କୁ ପରିବର୍ତ୍ତିତ ମାତୃ ସୁରକ୍ଷା ଆଇନ ୨୦୧୭ (Amendment Act, ୨୦୧୭) ଏବଂ ମାଆର ଅଧିକାର ସମ୍ପର୍କରେ ଧାରଣା ଦେବାପାଇଁ ଏକ ସେମିନାରର ଆୟୋଜନ କରନ୍ତୁ ।

୫. ନିଜ ଅଂଶୀଦାରଦଳମାନଙ୍କ ସହ ସ୍ତନ୍ୟପାନ ସୁରକ୍ଷା ମୋବାଇଲ ଆପ୍ ବ୍ୟବହାର କରି ଶିଶୁ ଖାଦ୍ୟର ଉପଯୁକ୍ତ ପ୍ରୋତ୍ସାହନ ନ ହେଉଥିଲେ, ରିପୋର୍ଟ କରନ୍ତୁ ।


### Resources

1. Ministry of Health, Government of India letter to States Secretaries on implementation of the IMS Act.
*http://bpni.org/WBW/2017/Letter-MOH-IMS-Act-2017.pdf*
2. Maternity Benefit Amendment Act 2017
*http://labour.gov.in/sites/defalt/files/Maternity%20Benefit%20Amendment%20Act%2C2017%20.pdf*
3. Clarification of recently Notified Maternity Benefit (Amendment) Act, 2017
*http://www.labour.nic.in/sites/default/files/The%20Maternity%20Benefit%20%28Amendment%29%20Act%2C2017%20-Clarification.pdf*
4. Silent features of the Maternity Benefit (Amendment) Act, 2017
*http://bpni.org/WBW/2017/Salient-feature-Maternity-Benfit-Act-2017.pdf*
5. Lalitpur Personified (Version 2015)
*https://www.youtube.com/watch?v=n8SQ-o6quug*

### References

1. Cesar G Victora, Rajiv Bahl, Aluiso J D Barros, Giovanny V A Franca, Susan Horton, Julia Krasevec, Simon Murch, Mari Jeeva Sankar, Neff Walker, Nigel C Rollins, for The Lancet Breastfeeding Series Group*. Breastfeeding in the 21st century:epidemiology, mechanisms and lifelong effect Lancet 2016; 387:47590.
2. Joint statement by the UN Special Rapporteurs in support of increased efforts to promote, support and protect breast-feeding.
http://www.ohchr.org/EN/News-Events/Pages/DisplayNews.aspx?NewsID=20871.
3. World Health Organisation, UNICEF, Protecting, promoting and supporting breastfeeding : the special role of maternity services.
http://whqlibdoc.who.int/publication/9241561300.pdf. Published 1989. Accessed February8, 2013.
4. World Breastfeeding Trends Initiative, 4th Accessment of India's Policies and Programmes on Infant and Young Child Feeding 2015.
http://bpni.org/report/WBTI-India-Report-2015.pdf
5. Kushwaha KP, Sankar J, Sankar MJ et al. Effect to Peer Counselling by Mother Support Groups on Infant and Young Child Feeding Practices : The Lalitpur Experience. Plos One 2014; 9(11):e109181.


### ବି.ପି.ଏନ.ଆଇ. କ'ଣ ?

ବି.ପି.ଏନ.ଆଇ. ହେଉଛି ଏକ ୨୫ବର୍ଷର ପୁରୁଣା ପଞ୍ଜିକୃତ, ସ୍ୱାଧୀନ, ଲାଭ କରୁନଥିବା ରାଷ୍ଟ୍ରୀୟ ସଂଗଠନ, ଯାହା ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଓ ସମର୍ଥନ କରିବା ସହ ଶିଶୁ ତଥା ଛୋଟ ପିଲାମାନଙ୍କର ଉପଯୁକ୍ତ ଅନୁପୂରକ ଖାଦ୍ୟ ଏବଂ ପୁଷ୍ଟିସାଧନ ଦିଗରେ କାମ କରେ । ବି.ପି.ଏନ.ଆଇ. ସମାଜକୁ ପ୍ରସ୍ତୁତ କରିବାର ପକ୍ଷ ସମର୍ଥନ କରିବା ସହିତ ସୂଚନା ପ୍ରଦାନ, ଶିକ୍ଷାର ପ୍ରସାର , ରିସର୍ଚ୍ଚ, ଟ୍ରେନିଂ କରାଏ ଏବଂ IMS Act ର ଉଲଘଂନକାରୀ କମ୍ପାନୀମାନଙ୍କ ଉପରେ ସତର୍କ ନଜର ରଖିଥାଏ । ବି.ପି.ଏନ.ଆଇ. ହେଉଛି ଦକ୍ଷିଣ ଏସିଆ ପାଇଁ WABA ର ମୁଖ୍ୟ କେନ୍ଦ୍ର ଏବଂ IBFAN ଏସିଆ ପାଇଁ ଆଞ୍ଚଳିକ ଯୋଗାଯୋଗ କାର୍ଯ୍ୟାଳୟ ।

### ବି.ପି.ଏନ.ଆଇ. ର ନୀତି ଏବଂ କର୍ମ ପଦ୍ଧତି

ବି.ପି.ଏନ.ଆଇ. ନୀତିଗତ ଭାବେ ଶିଶୁ କ୍ଷୀର ବିକଳ୍ପ, ଖାଇବା ବୋତଲ ଏବଂ ଶିଶୁ ଖାଦ୍ୟ ଉତ୍ପାଦନ କାରୀ ତଥା IMS Act ର ଉଲଘଂନ କରୁଥିବା କମ୍ପାନୀ ମାନଙ୍କଠାରୁ କୌଣସି ଅର୍ଥ ଗ୍ରହଣ କରେ ନାହିଁ । ସ୍ୱାର୍ଥ ଦ୍ୱନ୍ଦ ଯୁକ୍ତ ସଂସ୍ଥାମାନଙ୍କ ସହ କୌଣସି ସମ୍ପର୍କ ରଖେ ନାହିଁ ।


### କୃତଜ୍ଞତା ଜ୍ଞାପନ

ଏହି ପତ୍ରିକା BPNI,International Baby Food Action Network(IBFAN)-Asia Swedish International Development Corporation Agency (SIDA) ର ସହଯୋଗରେ ପ୍ରସ୍ତୁତ ହୋଇଛି ।
ସଂକଳନ ସଂପାଦନା-ଡା.ଶୋଭା ସୁରି, ଏବଂ ଡା. ଅରୁଣ ଗୁପ୍ତା ।
ପରିକ୍ଷିତ-ଡା.ଜେ.ପି. ଦଧିଚି
ପ୍ରଛଦପଟ-ଅମିତ ଡାଲିୟା
ଭାଷା ନ୍ତର-ଶରତ କୁମାରୀ ଆଚାର୍ଯ୍ୟ
LB-97, Stage-4,Laxmisagar,Bhubaneswar-6
Mob.:+919437120874
E-mail Id: saratakacharya@gmail.com



**Breastfeeding Promotion Network of India (BPNI)**

**Asia Regional Coordinating Office for IBFAN**
Address : BP-33, Pitampura, Delhi 110 034
Tel: +91-11-27312705, 27312706, 42683059
*E-mail:* bpni@bpni.org. Website:www.bpni.org